# NATIONAL NEWS BULLETIN (ODIA)

**30 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସହିଦ୍ ଦିବସ ଅବସରରେ ଆଜି ବାପୁଜୀଙ୍କ ପ୍ରତି ଦେଶବାସୀ ଅର୍ପଣ କରୁଛନ୍ତି ଶ୍ରଦ୍ଧାଞ୍ଜଳି

– ରାଜଘାଟସ୍ଥିତ ଗାନ୍ଧୀ ସମାଧି ପୀଠରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ

- ଆସାମର ଡିବ୍ରୁଗଡ଼ରେ ୧ ହଜାର ୭୧୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

- ନୂଆଦିଲ୍ଲୀରେ ଆସନ୍ତାକାଲି ଆରମ୍ଭ ହେବ ଦ୍ୱିତୀୟ ଭାରତ-ଆରବ୍ ମନ୍ତ୍ରିସ୍ତରୀୟ ବୈଠକ

- ଛତିଶଗଡ଼ର ସୁକୁମା ଜିଲ୍ଲାରେ ୪ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାରେ ଆଜି ଗୁଜୁରାଟ ଜାଏଣ୍ଟ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବ ମ୍ୟାଚ୍

# ସହିଦ ଦିବସ

ଦେଶ ଆଜି ମହାତ୍ମା ଗାନ୍ଧୀଙ୍କୁ ତାଙ୍କ ୭୮ତମ ପୁଣ୍ୟତିଥି ଏବଂ ସହିଦ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଏହି ଅବସରରେ ନୂଆଦିଲ୍ଲୀ ରାଜଘାଟସ୍ଥିତ ଗାନ୍ଧୀ ସମାଧି ପୀଠରେ ସର୍ବ-ଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ଆଜିର ଦିନରେ  ଦେଶ ସ୍ୱାଧୀନତା ସଂଗ୍ରାମର ପଥପ୍ରଦର୍ଶକ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ କାର୍ଯ୍ୟାବଳୀକୁ ସମ୍ମାନ ଜଣାଇଥାଏ। ଭାରତର ସ୍ୱାଧୀନତା ଏବଂ ଏକତା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଏବଂ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଆଜିର ଦିନକୁ ସହିଦ ଦିବସ ଭାବରେ ମଧ୍ୟ ପାଳନ କରାଯାଏ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜଘାଟଠାରେ ମହାତ୍ମା ଗାନ୍ଧୀଙ୍କ ସମାଧି ପୀଠରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି।

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଗାନ୍ଧିଜୀଙ୍କୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ପୂଜ୍ୟ ବାପୁ ସର୍ବଦା ସ୍ୱଦେଶୀ ଉପରେ ଗୁରୁତ୍ୱ ଦେଉଥିଲେ। ଯାହା ଏକ ବିକଶିତ ଓ ଆତ୍ମନିର୍ଭର ଭାରତ ଗଠନ ପାଇଁ ସଂକଳ୍ପର ଏକ ମୌଳିକ ସ୍ତମ୍ଭ। ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟ ସର୍ବଦା ଦେଶର ଜନସାଧାରଣଙ୍କୁ କର୍ତ୍ତବ୍ୟ ପଥରେ ଆଗେଇବାକୁ ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା' ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସାମାଜିକ ଗଣମାଧ୍ୟମରେ କହିଛନ୍ତି,  ଗାନ୍ଧିଜୀ' ଭାଷା, ଅଞ୍ଚଳ ଏବଂ ଜାତିଭିତ୍ତିରେ ଭାଗ ଭାଗ ହୋଇଥିବା ଭାରତକୁ ଏକତ୍ର କରିଥିଲେ।

ସ୍ୱଦେଶୀ, ସ୍ୱାଧୀନତା ଏବଂ ସ୍ୱଚ୍ଛତାକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା କ୍ଷେତ୍ରରେ ଗାନ୍ଧିଜୀଙ୍କ ଅବଦାନକୁ ମନ୍ତ୍ରୀ ଶ୍ରୀ ଶାହା ପ୍ରଶଂସା କରିଛନ୍ତି ।

ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ରାଞ୍ଚିସ୍ଥିତ ଲୋକଭବନଠାରେ ଜାତିର ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ କହିଛନ୍ତି, ଗାନ୍ଧିଜୀ ବିଶ୍ୱକୁ ସତ୍ୟ ଅହିଂସା ଓ ଶାନ୍ତିର ବାର୍ତ୍ତା ପ୍ରଦାନ କରିଥିଲେ ।

# ଅମିତ ଶାହା- ପ୍ରୋଜେକ୍ଟସ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସାମର ଦିବ୍ରୁଗଡ଼ରେ ୧ ହଜାର ୭୧୫ କୋଟି ଟଙ୍କା ସମ୍ବଳିତ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ସେଥିମଧ୍ୟରେ ଆସାମର ଦ୍ୱିତୀୟ ବିଧାନସଭା ଗୃହ ମଧ୍ୟ ରହିଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ କରିଛନ୍ତି । ଦିବ୍ରୁଗଡ଼କୁ ଦ୍ୱିତୀୟ ପ୍ରଶାସନିକ ହବ୍‌ରେ ପରିଣତ କରିବା ଲାଗି ସରକାରଙ୍କ ଉଦ୍ୟମ ସ୍ୱରୂପ ଶ୍ରୀ ଶାହା ୨୮୪ କୋଟି ଟଙ୍କାର ଦ୍ୱିତୀୟ ବିଧାନସଭା ଶୌଧ ଓ ବିଧାୟକ ହଷ୍ଟେଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିରେ ୩ ମହଲା ବିଶିଷ୍ଟ ବିଧାନସଭା ଗୃହ, ୯ ମହଲା ବିଶିଷ୍ଟ ବିଧାୟକ ଛାତ୍ରାବାସ ରହିବ । ଏହାର ଅଡିଟୋରିୟମ୍‌ରେ ୮୦୦ ଜଣ ବସିବା ଭଳି ବ୍ୟବସ୍ଥା କରାଯାଇଥିବା ବେଳେ ସୁରକ୍ଷା ଅଧିକାରୀଙ୍କ ଲାଗି ଏକ ବାରାକ୍ ମଧ୍ୟ ରହିବ । ଆସାମ ଗସ୍ତ ଅବସରରେ ଶ୍ରୀ ଶାହା ୨୩୮ କୋଟି ଟଙ୍କାର ଅତ୍ୟାଧୁନିକ କ୍ରୀଡ଼ା କମ୍ପ୍ଲେକ୍ସର ପ୍ରଥମ ପର୍ଯ୍ୟାୟକୁ ଉଦ୍‌ଘାଟନ କରିଛନ୍ତି ଏବଂ ଏହାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୨୦୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ଶ୍ରୀ ଶାହା କହିଛନ୍ତି..

AMIT-SHAH-ON-PROJECT

ପ୍ରଥମ ପର୍ଯ୍ୟାୟ ପାଇଁ ଇଣ୍ଡୋର ଷ୍ଟାଡିୟମ୍, ସନ୍ତରଣାଗାର, ଫୁଟବଲ ପଡ଼ିଆ, ମୁଖ୍ୟ ଗ୍ୟାଲେରି, ଟେନିସ୍, ଭଲିବଲ୍ ଏବଂ ବାସ୍କେଟବଲ ପଡ଼ିଆ ସମେତ ଛାତ୍ରାବାସ ରହିଛି। ଏହି କ୍ରୀଡ଼ା କମ୍ପ୍ଲେକ୍ସର ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣରେ ୩୦ ହଜାର ଲୋକ ବସିବା ପାଇଁ ବ୍ୟବସ୍ଥା କରାଯିବା ସହ ଏକ କେନ୍ଦ୍ରୀୟ ଖେଳ ପଡ଼ିଆ ଓ ଟ୍ରାକ୍ ନିର୍ମାଣ କରାଯିବ। ଶ୍ରୀ ଶାହା ଏହି ଅବସରରେ ୨୯୨ କୋଟି ଟଙ୍କାର ବ୍ୟୟବରାଦରେ ବନ୍ୟପ୍ରାଣୀ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କେନ୍ଦ୍ରରେ ବନ୍ୟପ୍ରାଣୀଙ୍କ ଚିକିତ୍ସା ସମେତ ପ୍ରଶିକ୍ଷଣ ଓ ପରୀକ୍ଷାଗାର ରହିବ।

ଅନ୍ୟପକ୍ଷରେ ଶ୍ରୀ ଶାହା ଜାତୀୟ ବିପର୍ଯ୍ୟୟ ଦୂରୀକରଣ ଫଣ୍ଡ୍ ଅନ୍ତର୍ଗତ ଆର୍ଦ୍ରଭୂମି ପୁନଃସ୍ଥାପନ ଲାଗି ୬୯୨ କୋଟି ଟଙ୍କାର ଏକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ଜରିଆରେ ୯ଟି ଜିଲ୍ଲାରେ ଚିହ୍ନଟ କରାଯାଇଥିବା ୧୫ଟି ଆର୍ଦ୍ରଭୂମି ଅଞ୍ଚଳର ପୁନଃସ୍ଥାପନ କରାଯିବ।

# ଆରବ୍ ଫରେନ ମିନିଷ୍ଟର୍ସ

ଦ୍ୱିତୀୟ ଭାରତ ଆରବ୍ ବୈଦେଶିକ ମନ୍ତ୍ରିସ୍ତରୀୟ ବୈଠକ ଆସନ୍ତାକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଭାରତ ଏବଂ ୟୁ.ଏ.ଇ. ସହ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଆରବ୍ ଲିଗ୍ ସଦସ୍ୟ ରାଷ୍ଟ୍ର ସମୂହର ବୈଦେଶିକ ମନ୍ତ୍ରୀ ଏବଂ ଆରବ୍ ଲିଗ୍ ସଚିବ ପ୍ରମୁଖ ଅଂଶଗ୍ରହଣ କରିବେ। ନୂଆଦିଲ୍ଲୀଠାରେ ଭାରତ ପକ୍ଷରୁ ପ୍ରଥମଥର ପାଇଁ ଆୟୋଜିତ ହେଉଥିବା ଏହି ବୈଠକ ୧୦ ବର୍ଷ ପରେ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଥମ ବୈଠକ ୨୦୧୬ରେ ବାହାରିନ୍‌ଠାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ବୈଠକରେ

ଭାରତ ଏବଂ ଆରବ୍ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ନେଇ ୫ଟି ପ୍ରାଥମିକ କ୍ଷେତ୍ର ଚିହ୍ନଟ କରାଯାଇଥିଲା। ସେଗୁଡ଼ିକ ହେଉଛି ଅର୍ଥନୀତି, ଶକ୍ତି, ଶିକ୍ଷା, ଗଣମାଧ୍ୟମ ଏବଂ ସଂସ୍କୃତି। ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ବୈଠକରେ ଏହି କ୍ଷେତ୍ରଗୁଡ଼ିକରେ ସମ୍ପର୍କ ବୃଦ୍ଧି ନେଇ ହୋଇଥିବା କାର୍ଯ୍ୟକାରିତ ଉପରେ ସମୀକ୍ଷା କରାଯିବା ସହ ସମ୍ପର୍କର ନୂତନ ମାର୍ଗ ଉନ୍ମୋଚନ ହେବାର ଆଶା କରାଯାଉଛି। ଏହି ବୈଠକ ପୂର୍ବରୁ ନୂଆଦିଲ୍ଲୀରେ ଚତୁର୍ଥ ଭାରତ-ଆରବ୍ ବରିଷ୍ଠ ପ୍ରତିନିଧିମଣ୍ଡଳୀ ବୈଠକ ଜାରି ରହିଛି। ଆସନ୍ତାକାଲିର ବୈଠକରେ ଯୋଗଦେବା ପାଇଁ କାତାର'ର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ସୁଲତାନ୍-ବିନ୍-ସାଦ ଅଲ୍ ମୁରାଇଖି ଏବଂ ଲିବିୟାର ବୈଦେଶିକ ମନ୍ତ୍ରୀ ଏଲ୍ ତାହେର୍ ଏସ୍.ଏମ୍.ଏଲ୍ ବାଉର ନୂଆଦିଲ୍ଲୀରେ ପହଁଞ୍ଚିଛନ୍ତି।

## ଏମ୍ଇଏ-ଆରବ ମିନିଷ୍ଟର୍ସ ମିଟ୍

ନୂଆଦିଲ୍ଲୀରେ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ଭାରତ–ଆରବ୍ ବୈଦେଶିକ ମନ୍ତ୍ରିସ୍ତରୀୟ ବୈଠକରେ ଯୋଗଦେବା ପାଇଁ ସୋମାଲିଆର ବୈଦେଶିକ ବ୍ୟାପାର ଓ ଆର୍ନ୍ତଜାତିକ ସହଯୋଗ ମନ୍ତ୍ରୀ ଅବ୍‌ଦି ସଲାମ୍ ଅବ୍‌ଦି ଅଲ୍ଲୀ ନୂଆଦିଲ୍ଲୀରେ ଆସି ପହଁଞ୍ଚିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଭାରତ ଓ ସୋମାଲିଆ ମଧ୍ୟରେ ସୌହାର୍ଦ୍ଧ୍ୟପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାରେ ତାଙ୍କ ଗସ୍ତ ଉପଯୋଗୀ ସାବ୍ୟସ୍ତ ହେବ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ନୂଆଦିଲ୍ଲୀଠାରେ ଆରବ୍ ରାଷ୍ଟ୍ର ଲିଗ୍‌ର ମହାସଚିବ ଅହମ୍ମଦ ଅବୋଲ ଘେଇତ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର

କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଉଭୟଙ୍କ ମଧ୍ୟରେ ମତବିନିମୟ ହୋଇଛି ।

## ଛତିଶଗଡ଼-ମାଓଇଷ୍ଟ

ଛତିଶଗଡ଼ର ସୁକୁମା ଜିଲ୍ଲାରେ ଆଜି ଚାରି ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ଦୁଇଜଣ ମହିଳା କ୍ୟାଡର ଥିବା ଜଣାପଡ଼ିଛି । ସମ୍ପୃକ୍ତ ମାଓବାଦୀଙ୍କ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ସୁକ୍‌ମା ଜିଲ୍ଲାର ମୁଖ୍ୟାଳୟରେ ବସ୍ତର ରେଞ୍ଜ୍ ପୁଲିସ ଆଇ.ଜି. ସୁନ୍ଦରରାଜ ପି., ସୁକ୍‌ମା ପୁଲିସ ଅଧୀକ୍ଷକ କିରଣ ଚୌହ୍ୱାନ ଏବଂ ଅନ୍ୟ ବରିଷ୍ଠ ସୁରକ୍ଷା ଅଧିକାରୀଙ୍କ ଉପସ୍ଥିତିରେ ଚାରି ଜଣ ମାଓବାଦୀ ଆତ୍ମସମର୍ପଣ କରିବା ସହ ଅସ୍ତ୍ରଶସ୍ତ୍ର ତ୍ୟାଗ କରିଥିଲେ । ସେମାନେ ବ୍ୟବହାର କରୁଥିବା ଏସ୍.ଏଲ୍.ଆର୍ ବନ୍ଧୁକ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପୁଲିସକୁ ହସ୍ତାନ୍ତର କରିଥିଲେ । ସମ୍ପୃକ୍ତ ମାଓବାଦୀମାନେ ସୁକ୍‌ମା ଜିଲ୍ଲର ଗୋଲାପଲି, କୋଣ୍ଟା ଏବଂ କିସ୍ତରାମ ଅଞ୍ଚଳରେ ସକ୍ରିୟ ଥିଲେ ।

## ୟୁଏଇ ପ୍ରେସିଡେଣ୍ଟ ପୁଟିନ ଟଲ୍‌କ୍ସ

ଆମେରିକା–ରୁଷ୍–ୟୁକ୍ରେନ୍ ତ୍ରିପାକ୍ଷିକ ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ରବିବାର ଦିନ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଏହାର ଅବ୍ୟବହିତ ପୂର୍ବରୁ ୟୁ.ଏ.ଇ ରାଷ୍ଟ୍ରପତି  ଶେଖ୍ ମହମ୍ମଦ ବିନ୍ ଜାୟେଦ ଅନ୍ ନାହିୟାନ୍ ମସ୍କୋରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସହ ଆଲୋଚନା କରିଛନ୍ତି । ଗତ ୨୩ ଏବଂ ୨୪ ତାରିଖରେ ୟୁ.ଏ.ଇ. ସହଯୋଗରେ ଆବୁଧାବିଠାରେ ରୁଷ୍, ୟୁକ୍ରେନ୍ ଏବଂ ଆମେରିକା ମଧ୍ୟରେ ପ୍ରଥମ ପର୍ଯ୍ୟାୟ ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଛି । ରୁଷ୍–ୟୁକ୍ରେନ୍ ସଂଘର୍ଷର ସମାଧାନ

ଦିଗରେ ଏକ ମଧ୍ୟସ୍ଥି ଭାବେ ୟୁ.ଏ.ଇ’ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। କ୍ରେମଲିନ୍‌ଠାରେ ଅନୁଷ୍ଠିତ ଶ୍ରୀ ନାହିୟାନ୍ ଏବଂ ଶ୍ରୀ ପୁଟିନ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକରେ ବାଣିଜ୍ୟ, ନିବେଶ, ପ୍ରଯୁକ୍ତିବିଦ୍ୟା, ମହାକାଶ ଏବଂ ଶକ୍ତି କ୍ଷେତ୍ରରେ ସହଯୋଗକୁ ବ୍ୟାପକ କରିବା ନେଇ ମତବିନିମୟ ହୋଇଥିବା ଜଣାପଡ଼ିଛି। ଚଳିତ ବର୍ଷ ରୁଷ୍ ପାଇଁ ପ୍ରଗତି ଏବଂ ଦ୍ୱିପାକ୍ଷିକ ସମ୍ପର୍କର ନିରନ୍ତର ବିକାଶର ବର୍ଷ ହେବ ବୋଲି ଶ୍ରୀ ନାହିୟାନ୍ ଆଶାବ୍ୟକ୍ତ କରିଛନ୍ତି। ବିଭିନ୍ନ ଆଞ୍ଚଳିକ ତଥା ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି। ୟୁ.ଏ.ଇ. ମଧ୍ୟସ୍ଥତାରେ ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ବନ୍ଦୀ ବିନିମୟ ନେଇ ଜାରି ରହିଥିବା ପ୍ରୟାସକୁ ରୁଷ୍ ସହଯୋଗ ପ୍ରଦାନ କରିଥିବାରୁ ଶ୍ରୀ ନାହିୟାନ୍’ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଏଫ୍.ଆଇ.ଇ.ଓ-ୟୁ.ଏଫ୍.ଟି.ଏ

ଭାରତୀୟ-ୟୁରୋପୀୟ ସଂଘ’ ମୁକ୍ତ ବାଣିଜ୍ୟ ରାଜିନାମା- ଏଫ୍.ଟି.ଏ. ଦେଶର ରପ୍ତାନୀ ଇତିହାସରେ ଏକ ମାଇଲଖୁଣ୍ଟ ବୋଲି ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେସନ୍- ଏଫ୍.ଆଇ.ଇ.ଓ.ର ମହାନିର୍ଦ୍ଦେଶକ ଅଜୟ ସହାୟ କହିଛନ୍ତି। ସେ କହିଛନ୍ତି, ଏଫ୍.ଟି.ଏ. ଜରିଆରେ ଭାରତ’ ୟୁରୋପୀୟ ସଂଘକୁ ବାଣିଜ୍ୟିକ ମୂଲ୍ୟ ଆଧାରରେ ଦେଶର ରପ୍ତାନୀର ୨୨ ପ୍ରତିଶତରୁ ଅଧିକ ବଜାର ପ୍ରବେଶକୁ ସୁନିଶ୍ଚିତ କରିଛି। ଏଫ୍.ଟି.ଏ. ଦ୍ୱାରା ଭାତର ଲାଭାନ୍ୱିତ ହେବାକୁ ଯାଉଛି। ୟୁରୋପୀୟ ସଂଘ ୧୬୪ଟି ବାଣିଜ୍ୟିକ ସେବା ମଧ୍ୟରୁ ବ୍ୟବସାୟିକ ସେବା, ବୃତ୍ତିଗତ ସେବା ଏବଂ ଆର୍ଥିକ ସେବା ସମେତ ପ୍ରାୟ ୧୪୪ଟି ସେବା ବଜାରରେ ଉପଲବ୍ଧ କରାଇବ ବୋଲି ଶ୍ରୀ ସହାୟ କହିଛନ୍ତି।

# ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର ଲିଗ୍‌ର ଆଜିର ମ୍ୟାଚ୍‌ରେ ଗୁଜୁରାଟ ଜାଏଣ୍ଟ୍‌ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଭଦୋଦରା ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ। ଅଙ୍କ ତାଲିକାରେ ୧୨ ପଏଣ୍ଟ ସହିତ ଆର୍.ସି.ବି. ଶୀର୍ଷରେ ରହିଥିବା ବେଳେ ୮ ପଏଣ୍ଟ ସହ ଗୁଜୁରାଟ ଜାଏଣ୍ଟ୍‌ସ ଦ୍ୱିତୀୟ ଏବଂ ୬ ପଏଣ୍ଟ ସହ ମୁମ୍ବାଇ ଇଣ୍ଡିଆନ୍ସ ତୃତୀୟ ଓ ଦିଲ୍ଲୀ କ୍ୟାପିଟାଲ୍ସ ଚତୁର୍ଥ ସ୍ଥାନରେ ରହିଛି।

# ନ୍ୟାସନାଲ ଅଣ୍ଡର-୧୭ ହକି

ଝାଡ଼ଖଣ୍ଡରେ ୧୭ ବର୍ଷରୁ କମ୍ ଅଣସ୍ତରୀତମ ଜାତୀୟ ସ୍କୁଲ ହକି ପ୍ରତିଯୋଗିତା ଜାରି ରହିଛି। ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତାକାଲି ଉଦ୍‌ଯାପିତ ହେବ। ଏଥିରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୬୩ ଜଣ ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାରେ ବାଳକ ଏବଂ ବାଳିକା ବର୍ଗରେ ଝାଡ଼ଖଣ୍ଡ ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟକୁ ପ୍ରବେଶ କରିଛି।